# ମଙ୍ଗଳୁ ବିଶ୍ୱାଳଙ୍କ ସାହିତ୍ୟ କାଳଜୟୀ




ଆଲୋଚନା ଚକ୍ରରେ ଅତିଥି ଓ ବକ୍ତାମାନେ ।

## କେନ୍ଦ୍ର ସାହିତ୍ୟ ଏକାଡେମୀର ଆଲୋଚନାଚକ୍ର

ସମ୍ବଲପୁର,୩।୯(ବି.ଶଙ୍କର)

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଶନିବାର ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳୁ ଚରଣଙ୍କ ସାହିତ୍ୟ ଓ କବିତା ବିଷୟରେ ଡ. ଗୌରୀଦାସ ପଧାନ, ଆତ୍ମଜୀବନୀ ସମ୍ପର୍କରେ ଦ୍ୱାରିକାନାଥ ନାୟକ, ପ୍ରବନ୍ଧ ସମ୍ପର୍କରେ ପୁଷ୍ପାଞ୍ଜଳି ରାବଣା, ନାଟକ ସମ୍ପର୍କରେ ଶ୍ୟାମସୁନ୍ଦର ଧର ଆଲୋକପାତ କରିଥିଲେ । ମଙ୍ଗଳୁ ଚରଣ ଜଣେ କାଳଜୟୀ ସ୍ରଷ୍ଟା ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ । ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ମନୋଜ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀର ସହସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ସମ୍ଭାଷଣ ଓ ଅଧ୍ୟାପକ ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣାଙ୍କ ସହ କବିସନ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭାମୁଖ୍ୟ ମନୋଜ କୁମାର ପଣ୍ଡା କବିଙ୍କ ପରିଚୟ ପ୍ରଦାନ କରିବା ସହ ତାଙ୍କ କବିତା ପାଠ କରିଥିଲେ । କବି ମହାରଣା ସ୍ୱରଚିତ ତିନୋଟି କବିତା ପାଠ କରିଥିଲେ । କବିଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ, ଆମନ୍ତ୍ରିତ ଅତିଥି ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଛାତ୍ରୀମାନେ ବେଦମନ୍ତ୍ର ପାଠ କରିଥିଲେ ।